CLASS : IV

SUBJECT : ଓଡ଼ିଆ

TOPIC : ସାଇତି ରଖିବା ସଜାଇ ରଖିବା

SUB TOPIC ଉପକ୍ରମ, ଲେଖକ ପରିଚୟ, ବିଷୟ ପଠନ

ODM
EDUCATIONAL GROUP
Changing your Tomorrow

# ଉପକ୍ରମ

## ଖବର କାଗଜ ସଂଗ୍ରହ



## ଡାକ ଟିକଟ ସଂଗ୍ରହ



## ମୁଦ୍ରା ସଂଗ୍ରହ



## ପକ୍ଷୀ ସଂଗ୍ରହ



## ଖେଳନା ସଂଗ୍ରହ



# ଲେଖକ ପରିଚୟ

ODM EDUCATIONAL GROUP
Changing your Tomorrow



**ପଦ୍ମ ଲୋଚନ ପାଲଟାସିଂହ**

ଖୋର୍ଦ୍ଧା ଜିଲ୍ଲା ଟାପଙ୍ଗ  ନିକଟସ୍ଥ ନିଜିଗଡ଼ ମଳିପଡ଼ା ଗ୍ରାମ ରେ ୧୯୩୩ ମସିହା ଜାନୁଆରୀ ୧୯ ତାରିଖରେ ଜନ୍ମଲାଭ କରିଥିଲେ । ସେ ଜଣେ କର୍ତ୍ତବ୍ୟ-ନିଷ୍ଠ ଶିକ୍ଷକ ଭାବେ ଥିଲେ ଜଣା ଶୁଣା । ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ ରେ ପ୍ରଧାନ ଶିକ୍ଷକ  ଭାବେ କାର୍ଯ୍ୟ କରି ୧୯୯୦ ମସିହା ରେ ସ୍ୱେଚ୍ଛାକୃତ ଅବସର ନେଇ ସକ୍ରିୟ ରାଜନୀତି କୁ ଓଲ୍ଲାଇଥିଲେ । ସରଳ ଜୀବନ ଓ ଉଚ୍ଚ ଚିନ୍ତା ଥିଲା ତାଙ୍କ ଜୀବନ ର ବ୍ୟକ୍ତିତ୍ୱ । ଉଚ୍ଚାରଣ ଓ ଆଚରଣ ରେ ସେ ଥିଲେ ଅନନ୍ୟ ବ୍ୟକ୍ତିତ୍ୱ । ୨୦୦୧ ମସିହା ଜୁନ ମାସ ରେ ତାଙ୍କର ସୁଦୂର ମୁମ୍ବାଇ ଠାରେ ଦେହାବସାନ ହୋଇଥିଲା । **ସାଇତି ରଖିବା ସଜାଇ ରଖିବା** ବିଷୟଟି ତାଙ୍କ ଜୀବନ ଆଦର୍ଶର ଏକ ଜୀବନ୍ତ ପ୍ରତିଫଳନ ।


ବିଷୟ ପଠନ

# ସାଇତି ରଖିବା, ସଜାଇ ରଖିବା

ପଦ୍ମଲୋଚନ ପାଲଟାସିଂହ

ସମୟ ଦଶଟା । ଚନ୍ଦନ ଆସି ଡାକ ପକାଇଲା – "ତୁ ଏପର୍ଯ୍ୟନ୍ତ ବାହାରି ନାହୁଁ । ତୋ'ର ସବୁଦିନ ବିଳମ୍ବ ହେଉଛି ।''

ତନ୍ମୟ ବଡ଼ ବ୍ୟସ୍ତ ହୋଇ ଶାର୍ଟ୍ ଖୋଜୁଥିଲା । ଏତିକିବେଳେ ତା' ବୋଉ ଧଳା ଶାର୍ଟ୍‌ଟିଏ ଧରି ସେଠାରେ ପହଞ୍ଚିଲେ । ପଚାରିଲେ – "ପିଜୁଳି ଗଛ ଡାଳରେ ଯାକୁ କିଏ ରଖିଥିଲା ?"

ତନ୍ମୟ ପ୍ରତିଦିନ କ'ଣ ନା କ'ଣ ହଜାଏ । ତାକୁ ଖୋଜିବାରେ ତା'ର ବହୁ ସମୟ ନଷ୍ଟ ହୁଏ । କେଉଁଦିନ ପ୍ୟାଣ୍ଟଶାର୍ଟ୍ ଆଲମାରି ପଛପଟେ ପଡ଼ିଥାଏ ତ କେଉଁଦିନ ଆଲଣାରୁ ଲୁଗାତଳେ ରହିଯାଇଥାଏ । ବହି, ଖାତା, କଲମ, ପେନ୍‌ସିଲ୍, ରବର, ସ୍କେଲ୍– ଯାହା ଖୋଜ, ଖୋଜିଲାବେଳେ ହଠାତ୍ କିଛି ମିଳେ ନାହିଁ ।



ଏଇ ଅସୁବିଧା ବରାବର ଲାଗି ରହିଥାଏ । ଘରୁ ବାହାରିଲା ବେଳକୁ ତନ୍ମୟ ବୋଉ ଉପରେ ରାଗ ତମତମ ହୋଇ ବାହାରେ । ଏଇ କଥା ତା'ର ମାଉସୀ ପୁଅ ଭାଇ ଚନ୍ଦନ ପ୍ରତିଦିନ ଦେଖେ । ହେଲେ ସେ ବ୍ୟସ୍ତ ହୁଏ ନାହିଁ । ତନ୍ମୟ ଠାରୁ ସେ ବୟସରେ ବଡ଼; ସପ୍ତମ ଶ୍ରେଣୀରେ ପଢୁଛି । ତନ୍ମୟକୁ ସେ ସ୍ନେହ କରେ । ତାକୁ ସାଥିରେ ସ୍କୁଲ୍‌କୁ ଡାକିନେବାର ଦାୟିତ୍ୱ ମାଉସୀ ତାକୁ ଦେଇଛନ୍ତି । ସେଥିରେ ସେ ଆନନ୍ଦିତ । ଘରୁ ବାହାରି ପଡ଼ିଲେ ଦୁହେଁ ଖୁସି ମନରେ ଗପ କରିକରି ସ୍କୁଲ୍‌କୁ ଯାଆନ୍ତି ।

ସେଦିନ ସ୍କୁଲ୍ ଯିବା ବାଟରେ ଚନ୍ଦନ କହିଲା – 'ତନ୍ମୟ ! ତୁ ତୋ ଜିନିଷତକ ସାଇତି କରି ରଖୁ ନାହୁଁ କାହିଁକି ? ଜିନିଷ ସଜାଇ ରଖିଲେ ଖୋଜିବାକୁ ପଡ଼େ ନାହିଁ ।''

ତନ୍ମୟ କହିଲା – "ମୁଁ କ'ଣ ସଜାଡ଼ିକରି ରଖୁ ନାହିଁକି ! ଆମ ଚିନୁ ପରା ସବୁ ଘାଣ୍ଟି ପକାଉଛି ।''

ଚନ୍ଦନ ତା'କୁ ବୁଝାଇଲା – "ଯେଉଁମାନେ ନିଜ କାମ ନିଜେ କରନ୍ତି ନାହିଁ, ସେମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି । ଆମ ଶ୍ରେଣୀ ଶିକ୍ଷକ ଦିନେ ଶ୍ରେଣୀରେ ଆମକୁ କହିଲେ– "ଜିନିଷ ସାଇତି ରଖିବା ଗୋଟିଏ କଠିନ କାମ ନୁହେଁ; ଏହା ଗୋଟିଏ ଭାରି ଭଲ ଗୁଣ । ପ୍ରତିଦିନ ଏଥିପ୍ରତି ସାମାନ୍ୟ ଧ୍ୟାନ ଦେଲେ ଏହା ଅଭ୍ୟାସରେ ପଡ଼ିଯାଏ । ଏସବୁ ବୁଝାଇବାକୁ ଯାଇ ଗୁରୁଜୀ ଦିନେ ଆମକୁ କେତୋଟି ସତ ଘଟଣା କହିଥିଲେ ।"

ଥରେ ଜଣେ ଭଦ୍ରଲୋକ ରେଳଗାଡ଼ିରେ ଯାଉଥିଲେ । ଟି.ଟି.ଇ. ଆସି ତାଙ୍କୁ ଟିକେଟ୍ ମାଗିଲେ । ଭଦ୍ରଲୋକ ତାଙ୍କ ପକେଟ୍, ଡାଏରୀ, ବ୍ୟାଗ୍ –ସବୁଠା' ଖୋଜିଗଲେ; କିନ୍ତୁ ଟିକେଟ୍ ପାଇଲେ ନାହିଁ । ସେ ଟିକେଟ୍ କରିଛନ୍ତି ବୋଲି ଯେତେ କହିଲେ ମଧ୍ୟ ଟି.ଟି.ଇ. ବିଶ୍ୱାସ କରିବାକୁ ନାରାଜ । ଏଣେ ଯେତିକି ବିଳମ୍ୱ ହେଉଥାଏ, ପାଖରେ ବସିଥିବା ଯାତ୍ରୀମାନେ ତାଙ୍କ ଆଡ଼କୁ ସେତିକି ଆଡ଼େଇଆଡ଼େଇ ଅନାଉଥା'ନ୍ତି । ସତେ ଯେପରି ସେ ବାହାନା କରୁଛନ୍ତି । ତାଙ୍କୁ ଅପରାଧୀ ଭଳି ଲାଗିଲା ଏବଂ ବଡ଼ ବାଧିଲା । ସେ ବାଧ୍ୟ ହୋଇ ଆଉ ଥରେ ଟିକେଟ୍ କଲେ । ତା' ସାଙ୍ଗକୁ ଜୋରିମାନା ମଧ୍ୟ ଦେଲେ ।

ସେ ଗାଡ଼ିରୁ ଓହ୍ଲାଇ ଘରକୁ ଆସିଲାବେଳେ ବାଟରେ ବ୍ୟାଗ୍ ଭିତରୁ ଟିକେଟ୍ ଖଣ୍ଡିକୁ ପାଇଲେ । ବ୍ୟାଗ୍ ଭିତରେ ଗୋଟିଏ ପକେଟ୍ ଥିଲା । ସେଥିରେ ଟିକେଟ୍‌ଟିକୁ ରଖୁରଖୁ ତାଙ୍କ ଅଜଣାରେ ତାହା ଖଣ୍ଡିଏ ଭାଙ୍ଗ ଭିତରେ ରହି ଯାଇଥିଲା । ସାମାନ୍ୟ ଅଯତ୍ନରୁ ତାଙ୍କୁ ଅପମାନ ଓ ଧନହାନୀ ଉଭୟ ସହିବାକୁ ପଡ଼ିଲା ।

ଯେଉଁ ଜିନିଷଟି ଯେଉଁ ଜାଗାରେ ରହିବା କଥା, ତାକୁ ଠିକ୍ ସେଇ ଜାଗାରେ ରଖିଲେ ଘରଟି ସଫାସୁତର ରହେ, ସ୍ଥାନଟି ସୁନ୍ଦର ଦିଶେ । ଏଭଳି କେତେକ ଜିନିଷ ଅଛି ଯେଉଁଗୁଡ଼ିକ ଯତ୍ନର ସହିତ ସାଇତି ରଖିଲେ, ଭବିଷ୍ୟତରେ ସେଗୁଡ଼ିକ ମୂଲ୍ୟବାନ ସଂଗ୍ରହ ରୂପେ ବିବେଚିତ ହୋଇଥାଏ । ଡାକଟିକେଟ୍, ପୁରୁଣା



ମୁଦ୍ରା, ଶଙ୍ଖ ଓ କଉଡ଼ି ଭଳି ସାମୁଦ୍ରିକ ପଦାର୍ଥ, ପକ୍ଷୀମାନଙ୍କର ପର, ବିଭିନ୍ନପ୍ରକାର ଦୁର୍ଲଭ ପଥର ସଂଗ୍ରହ କଲେ ସେଥିରୁ ଅନେକ କଥା ଜାଣିହୁଏ। ଗୁରୁଜୀ କହୁଥିଲେ ଆମ ରାଜ୍ୟର ଭୁବନେଶ୍ୱରରେ ଗୋଟିଏ ମ୍ୟୁଜିୟମ୍ ବା ସଂଗ୍ରହାଳୟ ଅଛି। ସେଠାରେ ବହୁ ପ୍ରକାର ଜିନିଷ ସଂଗ୍ରହ କରି ସାଇତି ରଖାଯାଇଛି । ପ୍ରତିଦିନ ସେଠାକୁ ବହୁ ଲୋକ ବୁଲି ଦେଖିବାକୁ ଯାଉଛନ୍ତି। ମୁଁ ପରା କେତେଜାତିର ଜିନିଷ ସଂଗ୍ରହ କରି ଆମ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ ତିଆରି କରିଛି।

ଏ କଥା ଶୁଣି ତନ୍ମୟ ସେସବୁ ଦେଖିବାକୁ ଆଗ୍ରହ ପ୍ରକାଶ କଲା। ଯେତେବେଳେ ଇଚ୍ଛା ଆମ ଘରକୁ ଗଲେ, ସବୁ ଜିନିଷ ଦେଖାଇଦେବି ବୋଲି ଚନ୍ଦନ ଆନନ୍ଦରେ କହିଲା। ସେହିଦିନ ସନ୍ଧ୍ୟାରେ ତନ୍ମୟ ସବୁ କଥା ତା ବୋଉଙ୍କୁ ଜଣାଇଲା।

ତା' ପରଦିନ ଛୁଟି ଥିଲା। ତନ୍ମୟ ଚନ୍ଦନ ଘରକୁ ବୋଉଙ୍କ ସାଥିରେ ଗଲା । ଗୋଟିଏ ପିଲା ପାଠ ପଢ଼ିବା ସଙ୍ଗେସଙ୍ଗେ ଏତେ ଜିନିଷ ସଂଗ୍ରହ କରିପାରିଛି ଏବଂ ଏତେ ସୁନ୍ଦର ଭାବରେ ସଜାଇ ରଖିଛି ଦେଖି ସେମାନେ ଖୁସି ହୋଇଗଲେ।

ଚନ୍ଦନ ନାନା ପ୍ରକାରର ପଥର, ପଶୁପକ୍ଷୀଙ୍କର ଚିତ୍ର, ପକ୍ଷୀଙ୍କର ପର, ଡାକଟିକେଟ୍, ମୁଦ୍ରା ଇତ୍ୟାଦି ସଂଗ୍ରହ କରିଥିଲା। ସେ ପତ୍ରପତ୍ରିକାରୁ କେତେ ଲେଖା କାଟିକରି ରଖିଛି। ତା'ର ଗୋଟିଏ ଫଟୋ ଆଲବମ୍ ମଧ୍ୟ ଅଛି। ବିଭିନ୍ନ ଚିତ୍ର, ଜିନିଷ ଏବଂ ପରିଷ୍କାରପରିଚ୍ଛନ୍ନ ସାଜସଜ୍ଜା ଦେଖି ତନ୍ମୟକୁ ଭାରି ଭଲ ଲାଗିଲା । ସେ ସେଠାରେ ଅନେକ ପ୍ରକାରର କଣ୍ଢେଇ ବି ଦେଖିଲା । ସେ ପୁଣି ଦେଖିଲା ଚନ୍ଦନର ପ୍ୟାଣ୍ଟଶାର୍ଟ ସୁନ୍ଦର ଭାବରେ ସଜଡ଼ା ହୋଇ ରହିଛି । ତା'ର ସବୁ ବହି ନୂଆପରି ଚିକ୍‌ଚିକ୍ କରୁଛି ।

ମାଉସୀ ଖୁସି ହୋଇ ଚନ୍ଦନକୁ କହି ପକାଇଲେ "ପୁଅ, ତୁ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ କରି ଦେଇଛୁ। ତନ୍ମୟ କ'ଣ ଦେଖିବ, ତୋ'ର ସଂଗ୍ରହଗୁଡ଼ିକ ବଡ଼ ମଣିଷ ମଧ୍ୟ ଆସି ଦେଖିବେ । ତନ୍ମୟ ଫଟୋ ଆଲବମ୍ ଓ ଚଢ଼େଇମାନଙ୍କ ଚିତ୍ର ଦେଖିସାରି ଡାକଟିକେଟ୍ ଆଲବମ୍ ଦେଖୁ ଦେଖୁ ବୋଉଙ୍କୁ କହିଲା – "ବୋଉ, ଚିନୁକୁ ଆଣିବା, ସେ ବି ଦେଖିବ । ଏ ସବୁ ଦେଖିଲେ ସେ ଆଉ କିଛି ଫୋପଡ଼ାଫୋପଡ଼ି ଓ ଭଙ୍ଗାରୁଜା କରିବ ନାହିଁ ।"



ବୋଉ କହିଲେ "ତୁ ଏଣିକି ତୋ ଜିନିଷ ସାଇତି ରଖ। ସେ ତାହା ଦେଖୁ, ବଡ଼ ଭାଇଠୁ ସାନଭାଇମାନେ ଅନେକ କଥା ଶିଖନ୍ତି ।"

ଚନ୍ଦନ କହିଲା – "ନିଜ ଜିନିଷ ସାଇତି ରଖିଲେ ଏବଂ ସଜାଇ ରଖିଲେ ତୁ ବୁଝି ପାରିବୁ, ଏଥିରୁ କେତେ ଆନନ୍ଦ ମିଳେ।"

ସାଇତି ରଖିବାର ଅଭ୍ୟାସ ମଣିଷକୁ ଯତ୍ନଶୀଳ, ଦାୟିତ୍ୱବାନ୍ ଓ ଶୃଙ୍ଖଳିତ କରିଥାଏ । ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ ।

# THANKING YOU

# ODM EDUCATIONAL GROUP